## ଆଜି କ'ଣ କେଉଁଠି

ବୁଗୁଡ଼ା

- ଭୀମଭୋଇ ସାମର୍ଥ୍ୟ ଶିବିର। ସ୍ଥାନ-ପିପୁଲ୍ଲ ହାଇସ୍କୁଲ। ସମୟ-ସକାଳ ୮ଟା।

# ନକଲି ମଦ କାରଖାନାରେ ଚଢ଼ାଉ: ୨ ଭାଇ ସମେତ ୩ ଗିରଫ

ବ୍ରହ୍ମପୁର, ୫।୧ (ସୁବାସ ଚନ୍ଦ୍ର ପାଢ଼ୀ)

ଅବକାରୀ ବିଭାଗ ଶୁକ୍ରବାର ଏକ ନକଲି ବିଦେଶୀ ମଦ କାରଖାନା ଠାବ କରିଛି। ସେଠାରୁ ବିପୁଳ ପରିମାଣର ମଦ ଜବତ କରିବା ସହିତ ୨ ଭାଇଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି।

ସନ୍ଧ୍ୟାରେ ସ୍ଥାନୀୟ ଫାଷ୍ଟଗେଟ ଛକରେ ଅବକାରୀ ଗୋଇନ୍ଦା ଟିମ ଯାନବାହନ ଯାଞ୍ଚ କରୁଥିଲା। ଓ ୦୭ ଏ ଏନ - ୨୦୩୧ ନମ୍ବର ବିଶିଷ୍ଟ ସ୍କୁଟିକୁ ଯାଞ୍ଚ ବେଳେ ସେଥିରୁ ବିଦେଶୀ ମଦ ବାହାରିଥିଲା। ୪ ପେଟିରେ ୧୯୨ଟି ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଥିଲା। ଚାଳକ ରୋଶନ କୁମାର ସାହୁଙ୍କୁ ପଚରାଉଚରା କରିବାରୁ ସେ ଉକ୍ତ ମଦ ବଡବଜାର ଥାନା ଖଣ୍ଡିଆକୁମୁଟି ସାହିରେ ଥିବା ଏକ କାରଖାନାରୁ ଆଣିଥିବା କହିଥିଲେ। ଟିମ ସେଠାରେ ଚଢ଼ାଉ କରି ବିପୁଳ ପରିମାଣର ନକଲି ବିଦେଶୀ ମଦ, କଞ୍ଚାମାଲ ଇତ୍ୟାଦି ଜବତ କରିଛି। ନକଲି ବିଦେଶୀ ମଦ ପ୍ରସ୍ତୁତକାରୀ ୨ ଭାଇ ଅନିଲ କୁମାର ସାହୁ ଓ ସୁନୀଲ କୁମାର ସାହୁଙ୍କୁ ଗିରଫ କରିଛି। ଜେରା ବେଳେ ଉଭୟେ ପେଷାଦାର ନକଲି ବିଦେଶୀ ମଦ ପ୍ରସ୍ତୁତକାରୀ ବୋଲି ଜଣାପଡ଼ିଛି। ସେମାନଙ୍କ ନାମରେ ଏକାଧିକ ମାମଲା ରହିଥିବା ଅବକାରୀ ଉପ ଅଧିକ୍ଷକ କୁବେର ସେଠୀ କହିଛନ୍ତି। ଉକ୍ତ କାରଖାନାରୁ ୧୯୨ଟି ନକଲି ବିଦେଶୀ ମଦ ବୋତଲ, ୩୫୫ ଏ ଲେଭଲ, ୬ ଶହ କର୍କ, ଖାଲି ବୋତଲ, ପ୍ୟାକିଂ ମେଶିନ ଓ ମଦରେ ମିଶାଇବା

ପାଇଁ ରଖାଯାଇଥିବା ୨ ଲିଟର ରଙ୍ଗ ଜବତ ହୋଇଛି। ଦୁଇ ଭାଇ ତାଙ୍କ ଘରେ ନକଲି ବିଦେଶୀ ମଦ ପ୍ରସ୍ତୁତ କରି ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ବିକ୍ରି କରୁଥିଲେ ବୋଲି ସ୍ପଷ୍ଟ ହୋଇଛି। ଜବତ ନକଲି ବିଦେଶୀ ମଦ ଓ ସ୍କୁଟିର ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଘଟଣାର ତଦନ୍ତ ଜାରି ରହିଛି। ନଂ.୬୮୩/୨୩-୨୪ ରେ ଗିରଫ ୩ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ଗୋଇନ୍ଦା ଡେପୁଟି ସୁପରଣ୍ଟେଣ୍ଡେଣ୍ଟ କୁବେର ସେଠୀ ସୂଚନା ଦେଇଛନ୍ତି। ଚଢ଼ାଉରେ ଏସଆଇ ଅଜିତ କୁମାର ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ।



ଜବତ ହୋଇଥିବା ମଦ ସହ ଗିରଫ ୩ ଅଭିଯୁକ୍ତ।

## ବ୍ୟବସାୟୀଙ୍କ ବିରୋଧରେ ଠକେଇ ମାମଲା

ବ୍ରହ୍ମପୁର, ୫।୧ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଟାଉନ ଥାନା ଅଞ୍ଚଳର ଜଣେ ବ୍ୟବସାୟୀ ଏକ ବ୍ୟବସାୟିକ ସଂସ୍ଥାର ପ୍ରୋପାଇଟର୍ ଗୋସାଣି ନୂଆଗାଁ ଅଞ୍ଚଳର ସଞ୍ଜୀବ କୁମାର ସୁବୁଦ୍ଧିଙ୍କ ଲକ୍ଷାଧିକ ଟଙ୍କା ବକେୟା ଦେଉନଥିବା ଓ ସଂସ୍ଥା ସହ କାରବାର ବନ୍ଦ କରିଥିବାରୁ ତାଙ୍କ ବିରୋଧରେ ଏସଡିଜେଏମ କୋର୍ଟରେ ୱାନସିସି ଦାଖଲ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଟାଉନ ଥାନାରେ ସମ୍ପୃକ୍ତ ବ୍ୟବସାୟୀ ସନ୍ତୋଷ କୋଟନିଙ୍କ ବିରୋଧରେ ନଂ.୧/୨୪ରେ ଠକେଇ ମାମଲା ରୁଜୁ ହୋଇଛି। ସଞ୍ଜୀବ ଦର୍ଶାଇଛନ୍ତି ଯେ, ଗାନ୍ଧୀନଗର ମୁଖ୍ୟ ରାସ୍ତାକଡେ ସନ୍ତୋଷ ଏକ ଦେକାନ ଖୋଲିଥିବା ବେଳେ ତାଙ୍କ ସଂସ୍ଥା ସହ ୨୦୧୯ ଜୁନ ମାସ ପର୍ଯ୍ୟନ୍ତ କାରବାର କରୁଥିଲେ। ଏହାମଧ୍ୟରେ ୧,୧୦,୫୭୬ଟଙ୍କାର ବକେୟା ତାଙ୍କ ଉପରେ ଥିଲା। ସେହି ଟଙ୍କା ଦେବା ପରିବର୍ତ୍ତେ ସନ୍ତୋଷ ହଠାତ ତାଙ୍କ ସଂସ୍ଥା ସହ କାରବାର ବନ୍ଦ କରିଦେଇଥିଲେ। ବାରମ୍ବାର ଟଙ୍କା ଫେରସ୍ତ ପାଇଁ କହିବା ପରେ ସେ ନ ଶୁଣିବାରୁ କୋର୍ଟରେ ୱାନ ସିସି ଫାଇଲ କରିଥିବା କହିଛନ୍ତି।

## ବାଇକୋଳି ବିଶାରଦଙ୍କ ଜୟନ୍ତୀ

ବ୍ରହ୍ମପୁର,୫।୧ (ସ୍ମୃତି ରଞ୍ଜନ ମହାଲିକ)

ଖଲ୍ଲିକୋଟ ସାଂସ୍କୃତିକ ପରିଷଦ ପକ୍ଷରୁ ଗଜପତି ନଗର ୨ୟ ଲେନରେ ପଣ୍ଡିତ ବାଇକୋଳି ବିଶାରଦଙ୍କ ୧୧୭ତମ ଜୟନ୍ତୀ ପାଳିତ ହୋଇଛି। ପରିଷଦ ପକ୍ଷରୁ ଏକ ସାହିତ୍ୟ ଆଲୋଚନା ହୋଇଥିଲା। ଏଥିରେ ପରିଷଦର ସଭାପତି ରବୀନ୍ଦ୍ର ନାଥ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଆଲୋଚକ ରୂପେ ଡ ଶ୍ରୀକାନ୍ତ ମହାପାତ୍ର ଯୋଗ ଦେଇ ବାଇକୋଳିଙ୍କ ସରଳ ଅମାୟିକ ଜୀବନ, ଦୂରଦୃଷ୍ଟି, ନିର୍ଭୁଲ ଜ୍ୟୋତିଷ ଗଣନା ଓ ଇତିହାସ ପୁସ୍ତକ ଲେଖି ସାରସ୍ୱତ ସାଧନା ବଳରେ ଭାରତର ବହୁ ବିଶିଷ୍ଟ ରାଜା, ମହାରାଜା ଓ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ପ୍ରଶଂସାର ପାତ୍ର ହୋଇପାରିଥିଲେ ବୋଲି ସେ କହିଥିଲେ। ଦେବୀ ପ୍ରସାଦ ମହାପାତ୍ର, ବିଜୟ କୁମାର ପାଢ଼ି, ଭିକାରୀ ଚରଣ ମହାପାତ୍ର, ହାଡିବନ୍ଧୁ ମାଳି, ଦୁର୍ଗା ପ୍ରସାଦ ଚୌଧୁରୀ, କୃଷ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ବାଇକୋଳିଙ୍କ ସାଂସ୍କୃତିକ, ବୈଦିକ, ଆଧ୍ୟାତ୍ମିକ ଓ ଜ୍ୟୋତିଷ ଗଣନା ଉପରେ ଆଲୋଚନା କରିଥିଲେ।

# ତୃତୀୟ ସନ୍ଧ୍ୟାରେ 'ସତ ନା ମିଛ' ମଞ୍ଚସ୍ଥ



ବ୍ରହ୍ମପୁର,୫।୧ (ସ୍ମୃତି ରଞ୍ଜନ ମହାଲିକ)

### ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ

ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଜିଲା ମଂଚ କଳାକାର ସମ୍ମିଳନୀ ପକ୍ଷରୁ ଦକ୍ଷିଣ ଓଡିଶା ନାଟକ ମହୋତ୍ସବ ଚାଲିଛି। ଶୁକ୍ରବାର ତୃତୀୟ ସନ୍ଧ୍ୟାରେ ନାଟକ 'ସତ ନା ମିଛ' ମଂଚସ୍ଥ ହୋଇଛି। ବର୍ତ୍ତମାନ ମନୁଷ୍ୟ ଚନ୍ଦ୍ର ପୃଷ୍ଠରେ ଅବତରଣ କଲାଣି। ତଥାପି ଗାଁରୁ ଅନ୍ଧ ବିଶ୍ୱାସର କଳା ବାଦଲ ହଟିନି। ପାହାଡି ଇଲାକାର ଅଶିକ୍ଷିତ ମଣିଷ ପରମ୍ପରାର କିଛି ଅନ୍ଧବିଶ୍ୱାସକୁ ଜାବୁଡି ଧରି ରହିଛନ୍ତି। ଭୂତ, ପ୍ରେତ, ଡାହାଣୀ ଓ ସିନ୍ଦୁରା ବୋଳା ଠାକୁରାଣୀଙ୍କୁ ସନ୍ତୁଷ୍ଟ କରିବା ନାମରେ ନିରୀହ ପଶୁପକ୍ଷୀଙ୍କୁ ବଳି ପକାନ୍ତି। ବୁଝିଲା ସୁଝିଲା ମଣିଷଟା ସତରେ କଣ ସତ ମିଛର ବିଚାର କରିପାରୁନି, ଏଭଳି କଥାବସ୍ତୁକୁ ନେଇ ନାଟକଟି ପରିବେଷିତ ହୋଇଛି। ନାଟ୍ୟ ସାରଥୀ ରବୀନ୍ଦ୍ର ନାଥ ମିଶ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକଟି ଗଜପତି ଜିଲା ଅଡବା ମାତୃଶକ୍ତି କଲଚୁରାଲ କ୍ରିଏଟିଭ ପକ୍ଷରୁ ଅଭିନୀତ ହୋଇଛି। ଏଥିରେ ଅରୁଣ ସାହୁ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ନାଟକରେ ବଳରାମ ରଥ, ତ୍ରିପତି ପାଢ଼ି, ସୁଶାନ୍ତ ନାୟକ, ଜଗନ୍ନାଥ ଦାସ, ବାପୁଜି ବନ୍ଧୁ ପଟ୍ଟନାୟକ, ସନ୍ତୋଷ ପାତ୍ର, ଅଭିଷେକ ପଣ୍ଡା ଓ ସୋନାଲିସା ବେହେରା ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି। ନାଟକ ଆରମ୍ଭ ପୂର୍ବରୁ ଆୟୋଜିତ ଏକ ସଭାରେ ଡ ବିଜୟ ଚନ୍ଦ୍ର ମହାରଣା ସଭାପତିତ୍ୱ କରିଥିଲେ। ଅତିଥି ରୂପେ ବରିଷ୍ଠ ନାଟ୍ୟବିତ ବିପିନ ମହାପାତ୍ର, ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧ୍ୟକ୍ଷ ସୁବାଷ ମହାରଣା, ସୁଲେଖିକା ବିଧୁପ୍ରଭା ରଥ, ସମ୍ମିଳନୀର ସଭାପତି କେ ବଳରାମ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ନାଟ୍ୟକାର ବିପିନ ମହାପାତ୍ରଙ୍କୁ ସ୍ୱର୍ଗତ ରଘୁନାଥ ମିଶ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଶ୍ରୀ ମହାପାତ୍ରଙ୍କ ରଚିତ ନାଟକ ପୁସ୍ତକ 'ରକ୍ତ ପାଷାଣ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା, ଉପସଭାନେତ୍ରୀ କିରଣବାଳା ମିଶ୍ର, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ରାଜଗୋପାଳ ପାଢିଙ୍କ ସମେତ ସମ୍ମିଳନୀର ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ବଟି ମାଗିବା ଅଭିଯୋଗରେ ଯୁବକ କୋର୍ଟ ଚାଲାଣ

ଗୋପାଳପୁର,୫।୧ (ନବୀନ ରାଜ ଆଚାରୀ)

ଧମକ ଦେଇ ବଟି ମାଗିବା ଅଭିଯୋଗରେ ଶୁକ୍ରବାର ଗୋପାଳପୁର ଥାନା ପୋଲିସ ବ୍ରହ୍ମପୁର ହିଲପାଟଣା ଅଞ୍ଚଳର ମୁକ୍ତେଶ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ୧୬ ନଂ ଜାତୀୟ ରାଜପଥ ପଥରା ଓଭରବ୍ରିଜ ନିକଟରେ ଗୁରୁବାର ଭୋରରେ ଟ୍ରକ ଓ ଆମ୍ବୁଲାନ୍ସ ସହ ସାମାନ୍ୟ ଦୁର୍ଘଟଣା ହୋଇଥିଲା। ଉଭୟ ଚାଳକଙ୍କ ମଧ୍ୟରେ ବୁଝାମଣା ହେଉଥିବା ସମୟରେ ମୁକେଶ ବାଇକ ଯୋଗେ ଲାଞ୍ଜିପଲୀ ଯାଉଥିଲେ। ସେ ସେଠାରେ ଅଟକି ଦୁର୍ଘଟଣାର ସମାଧାନ କରିଦେଲି ବୋଲି କହି ଟ୍ରକ ମାଲିକ ପିଣ୍ଟୁ ବିଶୋୟୀଙ୍କୁ ଧମକ ଦେଇ ୧୫ ହଜାର ଟଙ୍କା ଜବରଦସ୍ତି ନେଇଯାଇଥିଲେ। ଏ ନେଇ ପିଣ୍ଟୁ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ.୫/୨୪ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୂର୍ବାହ୍ନରେ ବୈଦ୍ୟନାଥପୁର ଥାନା ରାମନଗରର ଏକ ଭଡା ଘରେ ଗୋପାଳପୁର ଥାନା ପୋଲିସ ଚଢାଉ କରି ମୁକ୍ତେଶଙ୍କୁ ଉଠାଇ ନେଇ ପଚରାଉଚୁରା ପରେ ତାଙ୍କଠାରୁ ୫ ହଜାର ଟଙ୍କା ଜବତ କରିଛି। ତାଙ୍କ ନାମରେ ଗୋସାଣୀନୂଆଗାଁ ଥାନାରେ ହତ୍ୟା ଉଦ୍ୟମ ଭଳି ସଂଗୀନ ୬ ମାମଲା ଥିବା ପୋଲିସ କହିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com



@ ଶୁଭ୍ରାଂଶୁ



@ ଜ୍ଞାନରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଜଙ୍ଗଲରୁ ବନ୍ଧୁକ, ଗୁଳି, ବାରୁଦ ଜବତ: ୪ ଗିରଫ



ଗିରଫ ଅଭିଯୁକ୍ତମାନେ।

ଗୋପାଳପୁର,୫।୧ (ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଟାମଣା ଜଙ୍ଗଲରୁ ଗୋଳନ୍ଥରା ଥାନା ପୋଲିସ ବିପୁଳ ପରିମାଣର ଗୁଳି, ବାରୁଦ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସିଙ୍ଗାବାଡି ଗ୍ରାମର ପୂର୍ଣ୍ଣ ଗୌଡ ଓରଫ ଚିଆଁ, ମେଦିନିପୁର ଗ୍ରାମର ଶଙ୍କର ପ୍ରଧାନ, ଦିଗପହଣ୍ଡି ଥାନା ଅଧୀନସ୍ଥ ବତରଝରି ଗ୍ରାମର ଭାଲିଆ ମଲିକ ଓ କହ୍ନେଇପୁର ଗ୍ରାମର ବୃନ୍ଦାବନ ମଲିକ। ଅଭିଯୁକ୍ତମାନେ ପୂର୍ବରୁ ଗିରଫ ହୋଇଥିବା ଦୁର୍ଦ୍ଧାନ୍ତ କୁନା ବେହେରାଙ୍କ ସହଯୋଗୀ। ଶୁକ୍ରବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି। ସୂଚନା ମୁତାବକ, କୁନାଙ୍କ ସହଯୋଗୀ ଚିଆଁଙ୍କ ଗତିବିଧି ଉପରେ ଗୋଳନ୍ଥରା ପୋଲିସ ନଜର ରଖିଥିଲା। ଗୁରୁବାର ଅପରାହ୍ନରେ ବ୍ରହ୍ମପୁର ସଦର ଏସଡିପିଓ ଶିବ ଶଙ୍କର ମହାପାତ୍ର ଏକ ସୂତ୍ରରୁ ଖବର ପାଇ ଗୋଳନ୍ଥରା ପୋଲିସ ସାହାର୍ଯ୍ୟରେ ଟାମଣା ଜଙ୍ଗଲରେ ଚଢାଉ କରି ସମସ୍ତଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ୨ଟି ଦେଶୀ ବନ୍ଧୁକ, ୧୨୫ଟି ଗୁଳି, ଛୁରରା ୧୦କେଜି, ଛୋଟ ଛୁରରା ୨୫ ଗ୍ରାମ, ବାରୁଦ ୨୦୦ ଗ୍ରାମ, ୨ଟି ହରିଣ ସିଙ୍ଗ, ୨୦୦ ଖୋକା ଆଦି ପୋଲିସ ଜବତ କରିଛି। ଚିଆଁ ଦିଗପହଣ୍ଡି ଓ ଗୋଳନ୍ଥରା ପୋଲିସକୁ ଆକ୍ରମଣ ମାମଲାରେ ସଂପୃକ୍ତ ରହିଥିଲା। ତାଙ୍କ ନାମରେ ବ୍ରହ୍ମପୁର ପୋଲିସ ଜିଲାରେ ୮ଟି ମାମଲା, ଶଙ୍କରଙ୍କ ନାମରେ ୩ଟି ଓ ବୃନ୍ଦାବନଙ୍କ ନାମରେ ୨ଟି ମାମଲା ରହିଛି। ପୋଲିସ ଜବତ କରିଥିବା ୨ଟି ହରିଣ ସିଙ୍ଗ ବନ ବିଭାଗକୁ ହସ୍ତାନ୍ତର କରିଛି। ବନ ବିଭାଗ ମଧ୍ୟ ଏକ ମାମଲା ରୁଜୁ କରିଛି।

## ବିଜୁଳି କର୍ମଚାରୀ ସଂଘର ଅଭିନବ ପ୍ରତିବାଦ




ବ୍ରହ୍ମପୁର,୫।୧ (ସ୍ମୃତି ରଞ୍ଜନ ମହାଲିକ)

ଓଡିଶା ବିଜୁଳି କର୍ମଚାରୀ ସଂଘର ଗଣଧାରଣା ୫ ମାସରେ ପହଞ୍ଚିଛି। ଶୁକ୍ରବାର ସଂଘ ଆନ୍ଦୋଳନକୁ ଭିନ୍ନ ରୂପ ଦେଇଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଭିକ୍ଷା ବୃତ୍ତି କରି କର୍ମଚାରୀମାନେ ଆନ୍ଦୋଳନ କରିଛନ୍ତି। ପ୍ରତିଶ୍ରୁତିର ୩ ମାସ ପରେ ବି ଦାବି ପୂରଣ ହେଲାନାହିଁ। ତେଣୁ ଅଗଷ୍ଟ ୯ କ୍ରାନ୍ତି ଦିବସଠାରୁ ସଂଘ ପକ୍ଷରୁ ଧାରଣା ଆରମ୍ଭ ହୋଇଛି। ଦାବି ପୂରଣ ନ ହେବା ଯାଏଁ ଅଭିନବ ଆନ୍ଦୋଳନ ଚାଲିବ ବୋଲି ସଂଘର କାର୍ଯ୍ୟକାରୀ ସଭାପତି ପଞ୍ଚାନନ ଜେନା କହିଛନ୍ତି।

## ନବରଙ୍ଗପୁର ଡବଲ ମର୍ଡର ମାମଲାରେ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ

ବ୍ରହ୍ମପୁର, ୫।୧ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ନବରଙ୍ଗପୁରରେ ଘଟିଥିବା ଡବଲ ମର୍ଡର ମାମଲାର ବିଚାର ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରା ଜଜ (ଏଡିଜେ- ୩) ରାଜ କୁମାର ଦାଶଙ୍କ କୋର୍ଟରେ ଚାଲିଛି। ଶୁକ୍ରବାର ଘଟଣାର ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ କରାଯାଇଛି। ନବରଙ୍ଗପୁରର ହରିଶ୍ଚନ୍ଦ୍ର ଗୌଡ଼ ୧୮ତମ ସାକ୍ଷୀ ଭାବେ କୋର୍ଟରେ ହାଜର ହୋଇ ଘଟଣା ବେଳେ ଦେଖିଥିବା ଦୃଶ୍ୟକୁ କହିଛନ୍ତି। ମାମଲାର ପରବର୍ତ୍ତୀ ବିଚାର ଆସନ୍ତା ୨୨ ତାରିଖରେ ହେବ ବୋଲି ଦିନ ଧାର୍ଯ୍ୟ କରାଯାଇଛି। ଏଥିରେ ମୋଟ ୪୬ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ କରାଯିବ ବୋଲି ଏପିପି ରଜତ କୁମାର ଦାଶ କହିଛନ୍ତି। ରାଜନୈତିକ ହିଂସାରୁ ୨୦୨୨ ମେ ୨୯ତାରିଖ ରାତି ୯ଟାରେ ନବରଙ୍ଗପୁର ଗ୍ରାମର ଏକ ଜନଗହଳିପୂର୍ଣ୍ଣ ଛକରେ ବାବୁ ଗୌଡ଼ ଓ ତାଙ୍କ ସହଯୋଗୀ ପ୍ରଦୀପ ସାହୁଙ୍କୁ ହତ୍ୟା କରାଯାଇଥିଲା। ପ୍ରଥମେ ଛୁରିରେ ବାବୁଙ୍କ ଗଳା କାଟି ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲେ ଦୁର୍ବୃତ୍ତ। ପ୍ରତିବାଦ କରିବାରୁ ସହଯୋଗୀ ପ୍ରଦୀପଙ୍କୁ ଛୁରା ମାଡ କରିଥିଲେ। ପ୍ରଦୀପଙ୍କ ଅନ୍ତବୁଜୁଳା ବାହାରି ପଡିଥିଲା। ଦିଗପହଣ୍ଡି ସ୍ୱାସ୍ଥ୍ୟ କେନ୍ଦ୍ରରେ ବାବୁଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରଦୀପଙ୍କୁ ଭୁବନେଶ୍ୱର ଘରୋଇ ହସ୍ପିଟାଲ୍କୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨୦୨୨ ଜୁନ ୨ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଦିଗପହଣ୍ଡି ପୋଲିସ ନଂ.୧୮୫/୨୨ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ହତ୍ୟା ଅଭିଯୁକ୍ତ ବିଜୟ ଗୌଡ଼ ଓରଫ ତୁଫାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଉକ୍ତ ଡବଲ ମର୍ଡର ଘଟଣାର ମାଷ୍ଟରମାଇଣ୍ଡ ମୟୂର ଗୌଡ଼ଙ୍କୁ ପୋଲିସ ମୁମ୍ବାଇରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ଥାନାଧିକାରୀ ଦୀପ୍ତି ରଞ୍ଜନ ବେହେରା କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲେ। ପରେ ମୟୂର ଗୌଡ଼ଙ୍କୁ ଜାମିନ ପାଇଁ ତାଙ୍କ ଓକିଲ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ନିର୍ଦ୍ଦେଶାନୁସାରେ ତାଙ୍କୁ ସର୍ତ୍ତମୂଳକ ଜାମିନ ମିଳିଥିଲା। ଅନ୍ୟପଟେ ଗିରଫ ପରଠାରୁ ବିଜୟ ଗୌଡ଼ ଏବେସୁଦ୍ଧା ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଅଛନ୍ତି।

# ଗଞ୍ଜାମରେ ମାଣ୍ଡିଆ ଚାଷ ବଢୁଛି

ବ୍ରହ୍ମପୁର,୫।୧ (ଅଶୋକ କୁମାର ସାହୁ)

ଏବେ କେନ୍ଦ୍ର ଓ ରାଜ୍ୟ ସରକାର ମାଣ୍ଡିଆ ଚାଷକୁ ଗୁରୁତ୍ୱ ଦେଉଛନ୍ତି। ଏନେଇ ମିଲେଟ ମିଶନ ବି ଆରମ୍ଭ ହୋଇଛି। ଏହି ମିଶନରେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ମିଶନ ଶକ୍ତି ଜରିଆରେ ବିକ୍ରି ହେଉଛି। ଏହାକୁ ନେଇ କୃଷି ବିଭାଗ ବି ସଚେତନ ହୋଇଛି। ବିଭିନ୍ନ ଅଞ୍ଚଳରେ ଚାଷୀମାନଙ୍କୁ ମାଣ୍ଡିଆ ଚାଷ କରିବାରେ ପ୍ରୋତ୍ସାହିତ କରୁଛି। ଗଞ୍ଜାମ ଜିଲା ଏଥିରେ ପଛରେ ନାହିଁ। ଜିଲାରେ ଗତବର୍ଷ ଅପେକ୍ଷା ଚଳିତବର୍ଷ ମାଣ୍ଡିଆ ଚାଷ ବଢ଼ିଛି।

କୃଷି ବିଭାଗ ପକ୍ଷରୁ କୁହାଯାଇଛି ଯେ, ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ। ଏଥିରେ ଔଷଧୀୟ ଗୁଣ ରହିଛି। ଏହି ଚାଷ ପ୍ରତି ସରକାରଙ୍କ ଗୁରୁତ୍ୱ ରହୁଥିବାରୁ କୃଷି ବିଭାଗ ନଜର ରଖିଛି। ରବି ଋତୁରେ ଏହା ଏକ ପ୍ରମୁଖ ଫସଲ। ଧାନ କଟା ପରେ ମାଣ୍ଡିଆ ତଳି ବୁଣାଯାଇଥାଏ। ଜମି କାଦୁଅ ହେବା ପରେ ରୁଆଯାଏ। ୩ରୁ ୪ ମାସରେ ଏହା ଅମଳ ହୋଇଥାଏ। ଗଞ୍ଜାମର ୨୨ ବ୍ଲକରେ ଏହି ଚାଷ କରାଯାଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୨୭୦୬୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରିବା ପାଇଁ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ ରହିଛି। କିନ୍ତୁ ୨୩୫୮୧ ହେକ୍ଟରରେ ଚାଷ ହୋଇଛି। ସେଥିରୁ ଚିକିଟି ବ୍ଲକରେ ୭୧୭ ହେକ୍ଟର, ରଙ୍ଗେଇଲୁଣ୍ଡା ବ୍ଲକରେ ୩୬୦, ଭଞ୍ଜନଗରରେ ୨୧୩୪, ବେଲଗୁଣ୍ଠାରେ ୧୨୪୩, ଗଞ୍ଜାମରେ ୫୫୨, ହିଞ୍ଜିଳିକାଟୁରେ ୨୪୦, ଦିଗପହଣ୍ଡିରେ ୩୩୦, ଆସିକାରେ ୫୫୦, ଶେରଗଡରେ ୫୦୦, ଧରାକୋଟରେ ୧୧୨୫, ସୋରଡାରେ ୧୦୯୧, ପାତ୍ରପୁରରେ ୨୮୬୯, ଜଗନ୍ନାଥପ୍ରସାଦରେ ୧୬୯୦, ବୁଗୁଡାରେ ୧୨୬୮, ଛତ୍ରପୁରରେ ୪୦୦, ପୁରୁଷୋତ୍ତମପୁରରେ ୮୦୦, ସାନଖେମୁଣ୍ଡିରେ ୩୦୫, କୁକୁଡାଖଣ୍ଡିରେ ୧୯୧୫, ବେଗୁନିଆପଡାରେ ୯୩୪, କବିସୂର୍ଯ୍ୟନଗରରେ ୯୬୬ ଓ ପୋଲସରାରେ ୧୨୮୦ ହେକ୍ଟରରେ ଚାଷ ହୋଇଛି। ସେହିପରି ଗତବର୍ଷ ୧୬୦୨୪ ହେକ୍ଟର ଜମିରେ ଏହି ଚାଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୧୪୯୫୬ ହେକ୍ଟର ଜମିରେ ଚାଷ ହୋଇଥିଲା। ତେବେ ଚାଷୀ ପ୍ରୋତ୍ସାହନକୁ ଦୃଷ୍ଟିଦେଲେ ପିଆର ସଦସ୍ୟ, ବ୍ଲକ କୃଷି ଅଧିକାରୀ ଓ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଦ୍ୱାରା ଚାଷୀଙ୍କୁ ସଚେତନ କରାଯାଉଛି। ସେମାନେ ଅଞ୍ଚଳ ବୁଲି କ୍ଷେତ୍ର ପ୍ରଦର୍ଶନ କଲାପରେ ଚାଷୀମାନଙ୍କୁ ଚୟନ କରନ୍ତି। ଓଇପିକ୍ରା ସ୍କିମରେ ସେମାନଙ୍କୁ କୃଷି ବିଭାଗ ପକ୍ଷରୁ ବିହନ ଓ ଆର୍ଥିକ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଉକ୍ତ ସ୍କିମରେ ୧୮ଟି ବ୍ଲକ ରହିଛି। ସେଥିରୁ ୧୨ ବ୍ଲକରେ ଉକ୍ତ ସହାୟତା ପ୍ରଦାନ କରାଯାଇଛି। ଖାଲି ସେତିକି ନୁହେଁ, ବିଭିନ୍ନ ବ୍ଲକରେ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏହି ଚାଷକୁ ସେଭଳି ଜଳ ଦରକାର ନ ଥିବାବେଳେ କମ ଜଳରେ ଏହି ଚାଷ ହୋଇପାରିବ। ସରକାର ମଧ୍ୟ କୁଇଣ୍ଟାଲ ପିଛା ଗତବର୍ଷ ୩୫୭୮ ଟଙ୍କା ଏମଏସପି ରଖିଥିବାବେଳେ ଚଳିତବର୍ଷ ୩୮୪୬ ଟଙ୍କା ରଖାଯାଇଛି ବୋଲି ସହକାରୀ କୃଷି ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଥ କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ ଯେ, ଗଞ୍ଜାମରେ ମାଣ୍ଡିଆ ଚାଷ କରିବା ପାଇଁ ଚାଷୀ ଆଗ୍ରହୀ ହୋଇଛନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ ଢେର ବଢ଼ିଛି। ସେହି ଅନୁସାରେ ଚାଷୀଙ୍କୁ ସହାୟତା ପ୍ରଦାନ କରାଯାଉଛି। ଆଗାମୀ ଦିନରେ ଏହି ଚାଷ ବଢ଼ିବା ଆଶା ରହିଛି ବୋଲି ସେ କହିଛନ୍ତି।

# ବ୍ରହ୍ମପୁରରେ ଭୋଟ ହାର ବଢ଼ାଇବାକୁ ଆହ୍ୱାନ

ବ୍ରହ୍ମପୁର,୫।୧ (ନରସିଂହ ସାହୁ)

### ମହୁରି କାଳୁଆରେ ଭାଜପା କର୍ମୀ ସମ୍ମିଳନୀ



ମହୁରି କାଳୁଆରେ ଭାଜପାର କର୍ମୀ ସମ୍ମିଳନୀ।

ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଭାଜପାର ବନ୍ଧୁମିଳନ ନାମରେ ସାଙ୍ଗଠନିକ ବୈଠକ ଶୁକ୍ରବାର ନିକଟସ୍ଥ ମହୁରୀ କାଳୁଆ ପୀଠରେ ହୋଇଯାଇଛି। କାହ୍ନୁଚରଣ ପତିଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ୨୦୨୪ ନିର୍ବାଚନରେ ବ୍ରହ୍ମପୁର ବିଧାନସଭା କ୍ଷେତ୍ରର ସବୁ ବୁଥ୍‌ରେ ଯେଭଳି ୫୦% ଭୋଟ ମିଳିବ ସେଥିପାଇଁ ମଣ୍ଡଳ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଏବେଠୁ ସଜାଗ ହେବାକୁ ସଚେତନ କରାଯାଇଥିଲା। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗ୍ୟାରେଣ୍ଟି ଆହ୍ୱାନ ଘରେ ଘରେ ପହଞ୍ଚାଇ ଭୋଟ ହାର ବଢ଼ାଇବାକୁ ଗୁରୁତ୍ୱ ଦିଆଯାଇଥିଲା। କର୍ମୀ ସମାବେଶରେ ଦଳର ଗଞ୍ଜାମ ଜିଲା ପ୍ରଭାରୀ ଅଶୋକ ମିଶ୍ର ଯୋଗଦେଇ ମହାନଗରରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ସମ୍ପୂର୍ଣ୍ଣ ସଫଳ କରାଇବାକୁ ପରାମର୍ଶ ଦେଇଥିଲେ। ଜିଲା ସଭାପତି ସୁବାସ ସାହୁ, ପୂର୍ବତନ ସଭାପତି ବିଭୂତି ଜେନାଙ୍କ ସମେତ ବରିଷ୍ଠ ନେତା କୁଞ୍ଜ ବିହାରୀ ପାଣିଗ୍ରାହି, ଶିଶିର ପାଢ଼ୀ, ସୁରେଶ ପାତ୍ର, ଜିଲା ଉପସଭାପତି ସୁନୀଲ ସାହୁ, ପ୍ରଶାନ୍ତ କର, ପ୍ରଦୀପ ଶତପଥୀ, ବାଳକୃଷ୍ଣ ସାମନ୍ତରା ପ୍ରମୁଖ ସାଙ୍ଗଠନିକ ଆଲୋଚନାରେ ଭାଗ ନେଇଥିଲେ। ଯୁବମୋର୍ଚ୍ଚା ନେତା ଶିବ ଶଙ୍କର ନାୟକ, ସିଦ୍ଧାନ୍ତ ଗଂଗଦେବ, ମହିଳା ମୋର୍ଚ୍ଚା ନେତ୍ରୀ ରତ୍ନଗର୍ଭା ସରସ୍ୱତୀ, ବିଦ୍ୟୁସ୍ମିତା ପାଳ, ମଦନ ମୋହନ ପାତ୍ର, ଗୋପିନାଥ ପଣ୍ଡା, ରାମ କୁମାର ପାତ୍ର, କରୁଣା କରଙ୍କ ସମେତ ଦଳର ବିଏମସି କର୍ପୋରେଟରମାନେ, ବିଭିନ୍ନ ମଣ୍ଡଳ କାର୍ଯ୍ୟକର୍ତ୍ତା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

